## ସଂକ୍ଷେପରେ

### ବଜ୍ରପାତରେ ଦମ୍ପତି ଗୁରୁତର

ବାଲିଗୁଡା,୧୯।୯(ଡି.ଏନ୍.ଏ.): ବାଲିଗୁଡା ଥାନା ଗୁମାପଦରରେ ବଜ୍ରପାତରେ ଦମ୍ପତି ଗୁରୁତର ହୋଇଛନ୍ତି। ପ୍ରକାଶ ଯେ ଗୁମାପଦରର ପାଣେଶ୍ୱର ମଳିକ ଓ ତାଙ୍କ ସ୍ତ୍ରୀ ନାସିରା ଦିଗାଳ ମଙ୍ଗଳବାର ବଣକୁ କାଠ ସଂଗ୍ରହ ପାଇଁ ଯାଇଥିଲେ। ପ୍ରାୟ ସାଢେ ୨ଟା ବେଳେ ବଣରୁ କାଠ ଧରି ଫେରୁଥିବାବେଳେ ବଜ୍ରପାତରେ ଉଭୟ ଆହତ ହୋଇଥିଲେ।

### ଅଲଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ଅଚାନକ ଚଢାଉ ନିର୍ଦ୍ଦେଶ

ଛତ୍ରପୁର,୧୯।୯(ଡି.ଏନ.ଏ.): ଗଞ୍ଜାମ ଜିଲା ଭ୍ରୂଣ ଲିଙ୍ଗ ନିରୂପଣ ଉପଦେଷ୍ଟା କମିଟି ବୈଠକ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ । କନ୍ୟା ଭ୍ରୂଣ ନିରୂପଣ ବେଆଇନ୍ ଅଛି । ଗଞ୍ଜାମ ଜିଲାରେ ଝିଅଙ୍କ ଆନୁପାତିକ ହାର ଏକ ହଜାରରେ ପୁଅ ତୁଳନାରେ ୯୮୧ ରହିଛି । ଧରାକୋଟରେ ଏହି ଆନୁପାତିକ ହାର କମ୍ ଅଟେ । ପ୍ରତ୍ୟେକ ଗର୍ଭବତୀଙ୍କ ଉପରେ ଆଶାକର୍ମୀ ମାନେ ତୀକ୍ଷଣ ନଜର ରଖିବେ । ପ୍ରତ୍ୟେକ ଗର୍ଭପାତର କାରଣ ଜିଲା ଅଧିକାରୀଙ୍କୁ ସେମାନେ ଜଣାଇବେ । ଗାଁଗୁଡିକରେ ଥିବା ବୈଦ୍ୟମାନଙ୍କ ଉପରେ ନଜର ରଖାଯିବ । ଗର୍ଭପାତ ଔଷଧଗୁଡିକର ବିକ୍ରୟକୁ ବନ୍ଦ କରାଯିବାକୁ ଚେଷ୍ଟା କରାଯିବ । ଜିଲାର ଔଷଧ ବିକ୍ରୟ ସଂଗଠନର କର୍ମକର୍ତ୍ତାଙ୍କୁ ପରବର୍ତ୍ତୀ ବୈଠକକୁ ଡକାଯିବ । ଗଞ୍ଜାମରେ ୫୬ ଅଲଟ୍ରାସାଉଣ୍ଡ କ୍ଲିନିକ୍ ମଧ୍ୟରୁ ୨୮ କାର୍ଯ୍ୟକ୍ଷମ ରହିଛି, ଯେଉଁଗୁଡିକ ବନ୍ଦ ଅଛି ତା' ଉପରେ ନଜର ରଖାଯିବ । ଯେଉଁ ୨୮ କାର୍ଯ୍ୟକ୍ଷମ ଅଛି ତାଉପରେ ଅଚାନକ ଚଢାଉ କରାଯିବ । ଏବେଠାରୁ ଯେଉଁ ନୂଆ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡିକୁ ଲାଇସେନ୍ସ ପ୍ରଦାନ କରାଯିବ ତାର କାଗଜପତ୍ର ସମ୍ପୂର୍ଣ୍ଣ ଭାବେ ଯାଞ୍ଚ କରିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ଜିଲାରେ କୁଷ୍ଠରୋଗୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହା ସେପ୍ଟେମ୍ବର ୨୭ ରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଶାକର୍ମୀମାନେ କୁଷ୍ଠରୋଗୀଙ୍କୁ ଚିହ୍ନଟ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା କରିବାକୁ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ଡିଆରଡିଏର ଏପିଡି ପ୍ରିୟ ରଞ୍ଜନ ପୁଷ୍ଟି, ଏଡିଏମଓ ଡା. ଭି. ସରୋଜିନୀ ଦେବୀ, ଡା. ଜଗଦୀଶ ପଟ୍ଟନାୟକ, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍‌ବିଏ ଛାତ୍ର ହତ୍ୟା ମାମଲା, ୨ଗିରଫ

## ପ୍ରଭଞ୍ଜନଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଅବେଦନ

ଭଞ୍ଜନଗର,୧୯।୯(ଡି.ଏନ.ଏ.)

ତାରସିଂ ଥାନା ଭୋଗରା ଗ୍ରାମର ଏମ୍‌ବିଏ ଛାତ୍ର ହତ୍ୟା ମାମଲାରେ ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜିତୁଙ୍କ ବନ୍ଧୁ ପ୍ରଭଞ୍ଜନ ତ୍ରିପାଠୀ ଓ ବଂଶୀ ଗୌଡ। ଏମାନଙ୍କ ଘର ଦଲକ ଗ୍ରାମରେ। ଏନେଇ ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଭିଯୁକ୍ତମାନେ ଜିତୁଙ୍କୁ ଯୋଜନାବଦ୍ଧ ଭାବେ ଜଙ୍ଗଲକୁ ଡ଼ାକି ନେଇଥିଲେ। ସେଠାରେ କଥା ହେଉଥିବା ବେଳେ ଜଣେ ପଛଆଡୁ ଜିତୁଙ୍କୁ ଟାଙ୍ଗିଆରେ ଚୋଟ ପକାଇଥିଲେ। ଜିତୁଙ୍କ ମୃତ୍ୟୁପରେ ପ୍ରମାଣନଷ୍ଟ ପାଇଁ ତାଙ୍କ ବାଇକ୍ ଓ ମୃତଦେହକୁ ଭିନ୍ନ ଭିନ୍ନ ସ୍ଥାନରେ ପୋତି ଦେଇଥିଲେ। ଏହି ହତ୍ୟାକାଣ୍ଡ ବକେୟା ଟଙ୍କା ଓ ଜଣେ ଯୁବତୀଙ୍କୁ ନେଇ ହୋଇଥିବା ପୋଲିସ ସୁରାକ ପାଇଛି।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ଘଟଣାର ଅଧିକ ତଦନ୍ତ ଆବଶ୍ୟକତା ଥିବାରୁ ପ୍ରଭଞ୍ଜନଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯାଇଛି। ପ୍ରକାଶଯେ ତିନିଛକିଆର ପ୍ରଭଞ୍ଜନ ତ୍ରିପାଠୀ ଏବଂ ଜିତୁ ହେଉଛନ୍ତି ବନ୍ଧୁ। କିଛି ବର୍ଷ ପୂର୍ବେ ଦୁହେଁ ମିଶି କୁକୁଡ଼ା ଫାର୍ମ ଆରମ୍ଭ କରିଥିଲେ। ଏହି ସମୟରେ ଜିତୁ ଏମ୍‌ବିଏ ପଢ଼ିବାକୁ ଭୁବନେଶ୍ୱର ଚାଲିଯାଇଥିଲେ। ମଝିରେ ମଝିରେ ଆସି ବ୍ୟବସାୟ କଥା ବୁଝୁଥିଲେ। ଏହିଭଳି ପରିସ୍ଥିତିରେ ପ୍ରଭଞ୍ଜନ ଜିତୁଙ୍କୁ କିଛି ଟଙ୍କା ଦେବାର ଥିଲା। ତେଣୁ ଜିତୁ ଗତମାସ ୨୭ ତାରିଖରେ ଗ୍ରାମକୁ ଆସିଥିଲେ। ୨୮ ତାରିଖରେ ଫେରିବା ସମୟରେ ପ୍ରଭଞ୍ଜନଙ୍କୁ ବକେୟା ଟଙ୍କା ମାଗିବାକୁ ଯାଇଥିଲେ। ଅପରାହ୍ନ ସାଢ଼େ ୪ଟାରୁ ଜିତୁଙ୍କ ମୋବାଇଲ ଫୋନ୍ ବନ୍ଦ ହେବାସହ ଆଉ ତାଙ୍କର ପତ୍ତା ମିଳିନଥିଲା। ଜିତୁଙ୍କ ସମ୍ପର୍କୀୟ ଭାଇ ପ୍ରତାପ ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ପ୍ରଥମେ ଏକ ଅପହରଣ ମାମଲା ରୁଜୁ କରିଥିଲା। ମାତ୍ର ଜିତୁଙ୍କ ମୃତଦେହ ଓ ବାଇକ୍ ଜଙ୍ଗଲରୁ ମିଳିବା ପରେ ଏହା ହତ୍ୟା ମାମଲାକୁ ପରିବର୍ତ୍ତନ କରାଯାଇଥିଲା। ଘଟଣାକୁ ନେଇ ଭୋଗରା ଅଞ୍ଚଳରେ ଆଦିବାସୀମାନଙ୍କ ମଧ୍ୟରେ ଏବେବି ଅସନ୍ତୋଷ ଲାଗି ରହିଛି। ପୋଲିସ ଘଟଣା ପ୍ରତି କଡ଼ା ନଜର ରଖିଛି।

### ଶିକ୍ଷକ ପଦବୀ ପୂରଣ ଦାବି

# ରାସ୍ତାକୁ ଓହ୍ଲାଇଲେ ଛାତ୍ରୀଛାତ୍ର, ଅଭିଭାବକ

ବାଲିଗୁଡା,୧୯।୯(ଡି.ଏନ୍.ଏ.)

ଶିକ୍ଷକ ପଦବୀ ପୂରଣ ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ଦୀର୍ଘଦିନର ଦାବି ପରେ ଶିକ୍ଷକ ପଦବୀ ପୂରଣ ନ ହେବାରୁ ଆନ୍ଦୋଳନର ପନ୍ଥା ଆପଣାଇଛନ୍ତି କନ୍ଧମାଳ ଜିଲା ପରମପାଙ୍ଗା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ। ସକାଳୁ ପରମପାଙ୍ଗା ୫୯ନଂ ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ କରି ଧାରଣରେ ବସିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ବାଲିଗୁଡ଼ା ତହସିଲଦାର ଖିରାବ୍ଧିତନୟା ସାହୁ, ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ପରମପାଙ୍ଗା ସିଆର୍‌ସିସି ସନ୍ତୋଷ କୁମାର ନାୟକ ପ୍ରମୁଖ ଘଟଣା ସ୍ଥଳରେ ପହଁଚି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବୁଝାସୁଝା କରିବା ସହ ଜିଲା ପ୍ରଶାସନ ସହ ଯୋଗାଯୋଗ କରି ତୁରନ୍ତ ୨ଜଣ ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ଦେବାନେଇ ସୂଚନା ଦେବାପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ୧୩୦ ଜଣ ଛାତ୍ରୀଛାତ୍ର ଥିବାବେଳେ ମାତ୍ର ୨ ଜଣ ଶିକ୍ଷୟିତ୍ରୀ ପାଠ ପଢାଉଛନ୍ତି। ବିଜ୍ଞାନ, ଭୂଗୋଳ, ହିନ୍ଦୀ ଓ ଇଂଲିଶ ଶିକ୍ଷକ ନାହାନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ପରେ ସୁଫଳ ନ ମିଳିବାରୁ ରାଜରାସ୍ତାକୁ ଓହ୍ଲାଇଥିଲେ। ପ୍ରାୟ ୭ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଥିଲା। ୨ ପଞ୍ଚାୟତର ଶତାଧିକ ଲୋକେ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ।



ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଚାଲିଛି।

### ବ୍ୟାଙ୍କ ସୁରକ୍ଷା, ପରାମର୍ଶଦାତା କମିଟି ବୈଠକ

# ଆରବିଆଇ ଗାଇଡଲାଇନ୍ ପାଳନ କର: ଜିଲାପାଳ

ଛତ୍ରପୁର,୧୯।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ବ୍ୟାଙ୍କ ସୁରକ୍ଷା ଓ ପରାମର୍ଶଦାତା କମିଟି ବୈଠକ ବୁଧବାର ସ୍ଥାନୀୟ ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ବ୍ୟାଙ୍କ ସୁରକ୍ଷା ନେଇ ଆକ୍ସନ ପ୍ଲାନ୍ ଦେବାକୁ କୁହାଯାଇଥିଲା । ନିୟମିତ ବ୍ୟାଙ୍କ ପରିଦର୍ଶନରେ ସ୍ଥାନୀୟ ପୋଲିସ ଅଧିକାରୀ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉନ୍ନତ ମାନର ସିସିଟିଭି ବ୍ୟାଙ୍କ ଶାଖା ଓ ଏଟିଏମ୍‌ରେ ଲଗାଯିବ । ଫଳରେ କୌଣସି ଅଘଟଣ ଘଟିଲେ ତା'ର ଭଲ ଫୁଟେଜ ମିଳିପାରିବ। ନୂଆ ଶାଖା ଓ ଏଟିଏମ୍ ସ୍ଥାପନ ପୂର୍ବରୁ ସ୍ଥାନୀୟ ପୋଲିସର ପରାମର୍ଶ ନେବାକୁ ଜିଲାପାଳ କହିଥିଲେ । ଜିଲାରେ ବିଭିନ୍ନ ବ୍ୟାଙ୍କର ୪୧୮ ଶାଖା ଏବଂ ୫୫୯ ଏଟିଏମ୍ ରହିଛି। ଏଥିରୁ ୨୧୫ ଏଟିଏମ୍ ଏବଂ ୧୩୮ ଶାଖାରେ ସୁରକ୍ଷା କର୍ମୀ ନାହାନ୍ତି । ସ୍ଥାୟୀ ସୁରକ୍ଷା କର୍ମୀ ନ ଥିବା ବ୍ୟାଙ୍କଗୁଡିକ ମଧ୍ୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କର୍ପୋରେଶନ, ଦେନା, ଓରିଏଣ୍ଟାଲ ବ୍ୟାଙ୍କ, ପଞ୍ଜାବ ଏଣ୍ଡ ସିନ୍ଧ ବ୍ୟାଙ୍କ, ସିଣ୍ଡିକେଟ୍ ବ୍ୟାଙ୍କ, ଆକ୍ସିସ୍, ବନ୍ଧନ ବ୍ୟାଙ୍କ, ଡିସିବି, ଏଚଏଡିଏଫସି, ଆଇଡିବିଆଇ, ଆଇସିଆଇସିଆଇ, କୋଟାକ୍ ମହିନ୍ଦ୍ରା, କରୁର୍, ୟୁଜିବି, ଏସିସ ଓ ବିସିସି ବ୍ୟାଙ୍କ ରହିଛି । ଆରବିଆଇ ଗାଇଡଲାଇନ୍‌କୁ କାର୍ଯ୍ୟକାରୀ କରିବାକୁ ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କଗୁଡିକ ଋଣ ବଦଳରେ ଜମା ଉପରେ ଗୁରୁତ୍ୱ ଦେଉଥିବା ସମୀକ୍ଷାରୁ ଜଣାପଡିଥିଲା । ଗତ ୩ମାସ ମଧ୍ୟରେ ୨୨ ପ୍ରତିଶତ ଋଣ ଲକ୍ଷ୍ୟ ପୂରଣ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଆବାହକ ତଥା ଡିଜିଏମ୍ ଭୁବନେଶ୍ୱର ନାୟକ, ଆରବିଆଇର ଏନ୍.ସି. ପଟ୍ଟନାୟକ, ନାବାର୍ଡ ଏଜିଏମ୍ ଦେବବ୍ରତ ତ୍ରିପାଠୀ, ଏଲଏଡିଏମ୍ ସୁରେନ୍ଦ୍ର କମାର ଚୌଧୁରୀ, ଡିଏସ୍‌ପି କେଶବ ଚନ୍ଦ୍ର ଦାଶ ଓ ଅଜୟ କୁମାର ମିଶ୍ରଙ୍କ ସମେତ ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇଥିଲେ ।

#### ନିୟମିତ ବ୍ୟାଙ୍କ ପରିଦର୍ଶନରେ ଯିବ ପୋଲିସ




ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

### କାମ ବନ୍ଦ କରିବା ପ୍ରସଙ୍ଗ

# ଆନ୍ଦୋଳନକାରୀଙ୍କ ସହ ଆଲୋଚନା ବୈଠକ

ଛତ୍ରପୁର,୧୯।୯(ଡି.ଏନ.ଏ)

ଆଇଆରଇ ପ୍ଲାଣ୍ଟ ପକ୍ଷରୁ ଚାଲିଥିବା ଡ୍ରେଜିଂ କାମକୁ ମଙ୍ଗଳବାର ସ୍ଥାନୀୟ ଲୋକେ ବନ୍ଦ କରି ଆନ୍ଦୋଳନ ଅବ୍ୟାହତ ରଖିଛନ୍ତି। ୨ ଦିନ ହେଲା ସେଠାରେ ସ୍ଥାନୀୟ ଲୋକେ ଧାରଣାରେ ବସିଛନ୍ତି। ବିସ୍ଥାପିତ କରିବା ପୂର୍ବରୁ କ୍ଷତିପୂରଣ ପ୍ରଦାନ ଆଦି ଦାବି ନେଇ ସ୍ଥାନୀୟ ଲୋକେ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି। ଆଇଆରଇ ପ୍ଲାଣ୍ଟ ପ୍ରକଳ୍ପ ପାଇଁ ଲୋକେ ବିସ୍ଥାପିତ ହେବେ। ପୂର୍ବରୁ ହୋଇଥିବା ପ୍ରଶାସନର ନିର୍ଦ୍ଧାରିତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ମଧ ଦାବି ହୋଇଛି । ଅପରପକ୍ଷରେ ସନ୍ଧ୍ୟାରେ ଛତପୁର ଅତିରିକ୍ତ ତହସିଲଦାରଙ୍କ ପ୍ରକୋଷ୍ଠରେ ଆନ୍ଦୋଳନକାରୀଙ୍କ ପ୍ରତିନିଧି, ଆଇଆରଇ କର୍ତ୍ତୃପକ୍ଷଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ବୈଠକ ହୋଇଛି ।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା

# ଲୁଟେରାଙ୍କୁ ଖୋଜୁଛି ପୋଲିସ ଟିମ୍

ଛତ୍ରପୁର,୧୯।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ରଘୁନାଥପୁର ନିକଟ ଜାତୀୟ ରାଜପଥରେ ସୋମବାର ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ କରି ୯ ଲକ୍ଷ ୨୮ ହଜାର ଟଙ୍କା ଲୁଟ୍ ହୋଇଥିଲା । ଏହି ମାମଲାରେ ସମ୍ପୃକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଗଠନ ହୋଇଥିବା ୨ ଟିମ୍ ବିଭିନ୍ନ ସ୍ଥାନରେ ଖୋଜିବାରେ ଲାଗିଛି । ଅପରପକ୍ଷରେ ୪ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପୋଲିସ ପଚରାଉଚୁରା ଜାରି ରଖିଥିବା ଜଣାପଡିଛି । ଏମାନଙ୍କଠାରୁ କିଛି ଲୁଟ୍ ଟଙ୍କାକୁ ମଧ ଜବତ କରିବାରେ ପୋଲିସକୁ ସଫଳତା ମିଳିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଅପରପକ୍ଷରେ ତଦନ୍ତରେ ବାଧା ସୃଷ୍ଟି ଆଶଙ୍କା କରି ପୋଲିସ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇନି। ରଘୁନାଥପୁର ନିକଟ ଏକ ପେଟ୍ରୋଲ ପମ୍ପର କର୍ମଚାରୀ ଡି. ହରିବନ୍ଧୁ ରେଡ୍ଡୀ ଓ ଏସ୍. ନାରେଶୁ ରେଡ୍ଡୀ ମାଣ୍ଡିଆପଲ୍ଲୀ ଛକ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏସ୍‌ବିଆଇରେ ଟଙ୍କା ଜମା କରିବାକୁ ସୋମବାର ବାଇକରେ ଯାଉଥିବାବେଳେ ଏକ ଇନୋଭା କାର୍ ତାଙ୍କ ଆଗକୁ ଆସିଥିଲା । ଫଳରେ ବାଇକ୍‌ରେ ଯାଉଥିବା ନାରେଶୁ ଓ ହରିବନ୍ଧୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ପରେ ଇନୋଭା ଗାଡିରୁ ଓହ୍ଲାଇ ଜଣେ ଦୁର୍ବୃତ୍ତ ଷ୍ଟିଲ୍ ପାଇପ୍‌ରେ ହରିବନ୍ଧୁଙ୍କୁ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଥିବା ବ୍ୟାଗକୁ ଛଡାଇ ନେଇ ଚାଲି ଯାଇଥିଲେ ।

ସ୍ୱଚ୍ଛ ଧନ ଅଭିଯାନ
OPERATION CLEAN MONEY

ଆପଣଙ୍କ ଆୟକର
ଭାରତକୁ ଦେଇଥାଏ ଏକ ନୂଆ ଉଡ଼ାଣ
ନିଜର ଆୟକର ବିବରଣୀ ଏବେ ହିଁ ଫାଇଲ୍ କରନ୍ତୁ

ସମସ୍ତ କମ୍ପାନୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ
ଯେଉଁମାନଙ୍କର ଖାତା ସମୀକ୍ଷିତ ହେବା ଆବଶ୍ୟକ ଥିବ
(ଏପରି ସଂସ୍ଥାଗୁଡ଼ିକର କାର୍ଯ୍ୟରତ ଭାଗୀଦାରଙ୍କ ସମେତ)

(ସେମାନଙ୍କୁ ଛାଡ଼ି ଯେଉଁମାନେ ଏପରି ଏକ ଅନ୍ତର୍ଜାତୀୟ ନେଣଦେଣ କିମ୍ବା ସୂଚିତ ଘରୋଇ ନେଣଦେଣ କରିଥିବେ ଏବଂ ଆୟକର ଅଧିନିୟମ, ୧୯୬୧ର ଧାରା ୯୨ଇ ଅଧୀନରେ ଉଲ୍ଲିଖିତ ରିପୋର୍ଟ ଦାଖଲ କରିବେ।)

ନିମ୍ନ ତାରିଖ ସୁଦ୍ଧା ଏ.ୱାଇ. ୨୦୧୮-୧୯ ପାଇଁ ନିଜର ଆୟକର ରିଟର୍ନ (ଆଇଟିଆର୍) ଏବଂ
ଆୟକର ଅଧିନିୟମ, ୧୯୬୧ର ଧାରା ୪୪ଏବି ଓ ୧୧୫ଜେବି ଅଧୀନରେ ଅଡିଟ୍ ରିପୋର୍ଟ ଇ-ଫାଇଲ୍ କରନ୍ତୁ
୩୦ ସେପ୍ଟେମ୍ବର ୨୦୧୮

ଧାର୍ଯ୍ୟ ତାରିଖ ସୁଦ୍ଧା ଆଇଟିଆର୍ ଫାଇଲିଂ ନ କରିବାର ପରିଣତି:
- ସୁଧ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉତ୍ତରଦାୟୀ ରହିବେ
- କୌଣସି ଅଣସମାଯୋଜିତ ବ୍ୟବସାୟିକ କ୍ଷତି/ପୁଞ୍ଜି ହାନିକୁ ଆଗକୁ ନିଆଯାଇପାରିବ ନାହିଁ
- ବିଳମ୍ବିତ ଫାଇଲିଂ ପାଇଁ ଦେୟ:
  i. ୧ ଅକ୍ଟୋବରରୁ ୩୧ ଡିସେମ୍ବର, ୨୦୧୮ ମଧ୍ୟରେ ଫାଇଲ୍ କରାଯାଇଥିବା ରିଟର୍ନ ପାଇଁ ₹୫୦୦୦/-
  ii. ୩୧ ଡିସେମ୍ବର, ୨୦୧୮ ପରେ ଫାଇଲ୍ କରାଯାଇଥିବା ରିଟର୍ନ ପାଇଁ ₹୧୦୦୦୦/-
  (୫ ଲକ୍ଷ ପର୍ଯ୍ୟନ୍ତ ଆୟଧାରୀ ବ୍ୟକ୍ତିମାନଙ୍କ ପାଇଁ ₹୧୦୦୦/-)

ଧାରା ୪୪ଏବି ଅଧୀନରେ ଅଡିଟ୍ ରିପୋର୍ଟ ଇ-ଫାଇଲ୍ କରିବାରେ ବିଫଳତା ପାଇଁ ₹୧.୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯାଇପାରେ

ଆୟକର ରିଟର୍ନ ଇ-ଫାଇଲିଂ ପାଇଁ https://incometaxindiaefiling.gov.in ରେ ଲଗ୍ ଅନ୍ କରନ୍ତୁ

davp 15401/13/0038/1819

Visit: www.incometaxindia.gov.in
www.cleanmoney.gov.in
@IncomeTaxIndia
ଡାଉନ୍‌ଲୋଡ୍ କରନ୍ତୁ "ଆୟକର ସେତୁ" ଟିକସଦାତା ସେବା ମଡ୍ୟୁଲ୍ ଏବଂ ମୋବାଇଲ ଆପ୍ଲିକେଶନ୍
Aaykar Setu
INCOME TAX DEPARTMENT
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ

## ସଂକ୍ଷେପରେ

### ଛାତରୁ ଖସି ମହିଳା ଗୁରୁତର

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଦୁଆରଗାଁର ଜଣେ ମହିଳା ଛାତରୁ ଖସି ପଡ଼ିବାରୁ ଗୁରୁତର ହୋଇଛନ୍ତି। ସେ ହେଲେ ବିନି ଗୌଡ଼ (୩୫)। ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଘର ଛାତରେ ଶୁଖାଯାଇଥିବା କପଡ଼ା ନେଇ ଫେରୁଥିଲେ। ଅସାବଧାନତା କାରଣରୁ ସେ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ବିନିଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ

**ଖଲ୍ଲିକୋଟ,୧୯।୯(ଡି.ଏନ୍.ଏ.):** ଖଲ୍ଲିକୋଟ ବ୍ଲକ ଅଞ୍ଚଳର ଜାତୀୟ ରାଜପଥ ପାର୍ଶ୍ୱ କେଶପୁର ବଜାରରେ ଥିବା ୨ଟି ଏଟିଏମ୍‌ରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଛନ୍ତି। ଟଙ୍କା ଲୁଟି ନ ପାରି ବ୍ୟାଟେରି ବକ୍ସରୁ ବ୍ୟାଟିରି ଦୁଇଟି ନେଇଯାଇଥିବା ଜଣାପଡିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଏନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ଜଣାପଡିଛି। ଅଞ୍ଚଳରେ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି।

### ଜୁଆଆଡ୍ଡାରେ ଚଢ଼ାଉ, ୫ ଗିରଫ

**ଗୋପାଳପୁର,୧୯।୯:**ଗୋପାଳପୁର ଥାନା ବିଭିନ୍ନ ଗ୍ରାମାଞ୍ଚଳରେ ବେଧଡ଼କ ଜୁଆଆଡ୍ଡା ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିବା ସହ ବୁଧବାର କୋର୍ଟଚାଲାଣ କରିଛି। ସେଠାରୁ ୧୨ ହଜାର ୨୨୦ ଟଙ୍କା ଜବତ ହୋଇଛି। ଟାଟା କଲୋନୀ ଅଞ୍ଚଳରେ କିଛିଦିନ ହେଲା ଜୁଆଆଡ୍ଡା ଚାଲିଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଖବର ପାଇ ଗୋପାଳପୁର ଥାନା ପୋଲିସ ଚଢ଼ାଉ କରି ୫ ଜଣଙ୍କୁ କାବୁ କରିଥିଲା।

### ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମ ଛକରେ କେ.ନୂଆଗାଁ ପୋଲିସ ପାଟ୍ରୋଲିଂ କରି ଫେରୁଥିବା ବେଳେ ୩୦ ଲିଟର ଚୋରା ଦେଶୀ ମଦ ସହ ଜଣେଙ୍କୁ ଗିରଫ କରିଛି। ସେ ହେଲେ ଜରଡ଼ା ଥାନା ଜଗଦଳପୁର ଗ୍ରାମର ଦିଲ୍ଲୀ ନାଇକ। ନୂଆପଡ଼ା ଫାଣ୍ଡି ଅଧିକାରୀ କେ. ଦଣ୍ଡପାଣି ଦୋରାଙ୍କ ଏତଲାକ୍ରମେ ଥାନା କେସ୍ ନଂ. ୧୧୧/୧୮ରେ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦିଲ୍ଲୀଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

### ବିଦ୍ୟୁତ୍ ତାର ଚୋରି ଉଦ୍ୟମ, ଧରାପଡ଼ିଲେ ଅଭିଯୁକ୍ତ

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.):** ଦିଗପହଣ୍ଡି ଥାନା ମଳାଭଞ୍ଜା ଗ୍ରାମରେ ବିଦ୍ୟୁତ ତାର ଚୋରି କରୁଥିବା ବେଳେ ଜଣେ ଅଭିଯୁକ୍ତ ଧରା ପଡ଼ିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ କେବୁଲ ତାର ଚୋରି ବେଳେ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଘରୋଇ କମ୍ପାନୀର କର୍ମଚାରୀ ଶ୍ରୀକାନ୍ତ ନାୟକଙ୍କ ଏତଲାକ୍ରମେ ପୋଲିସ ଥାନା କେସ ନଂ. ୧୬୨/୧୮ ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ତାଙ୍କ ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ଅନୁସନ୍ଧାନ ଚଳାଇଛି।

### ଫେରାର ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ବୁଧବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚକ୍ରପୁର ଗ୍ରାମର ଏସ. ଦଣ୍ଡପାଣି ଦୋରା। ଅଗଷ୍ଟ ୨୭ ସକାଳ ପ୍ରାୟ ସାଢ଼େ ୭ଟାରେ ଅଭିଯୁକ୍ତଙ୍କ ବାଇକରୁ ଖସିପଡ଼ି ଜି. ସୁଶୀଳା ଦୋରା ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମ ନିକଟରେ ଦୁର୍ଘଟଣା ଘଟିଥିଲା। ଏନେଇ ଜି. ନାରାୟଣ ଦୋରାଙ୍କ ଏତଲାକ୍ରମେ ପୋଲିସ ନଂ. ୧୪୬/୧୮ ରେ ଏକ ମାମଲା ରୁଜୁ କରିଥିଲା। ସେ ଦିନରୁ ଅଭିଯୁକ୍ତ ଗାଁରୁ ଫେରାର ଥିଲେ।

# ନିର୍ବାହୀ ଅଧିକାରୀଙ୍କୁ ଘେରିଲେ ୱାର୍ଡବାସୀ

## ୱାର୍ଡ ନଂ ୭ରେ ପାନୀୟଜଳ ସମସ୍ୟା

**ଗଞ୍ଜାମ,୧୯।୯(ଡି.ଏନ.ଏ.)**

ଗଞ୍ଜାମ ଏନ୍ଏସି ଅଧୀନ ୱାର୍ଡ ନଂ. ୭ କୈବର୍ତ୍ତ ସାହିରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏନେଇ ସାହିର ମହିଳାମାନେ ବୁଧବାର ପୂର୍ବାହ୍ନରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ହାଣ୍ଡି ମାଠିଆ ଧରି ହୋହାଲ୍ଲା କରିଥିଲେ। ପୂର୍ବରୁ ଏନ୍ଏସି ଅଫିସରେ ସାହିବାସିନ୍ଦାଙ୍କ ଲିଖିତ ଅଭିଯୋଗ ପରେ ଟ୍ୟାଙ୍କର ଯୋଗେ ଉକ୍ତ ସାହିକୁ ପାଣି ଯୋଗାଇ ଦିଆଯିବ ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ କହିଛନ୍ତି। ଏଥିସହିତ ଉକ୍ତ ସାହି ଷ୍ଟ୍ରିଟ ଲାଇଟ ମଧ୍ୟ ଜଳୁନଥିବା ସାହି ଲୋକେ ଅଭିଯୋଗ କରିଥିଲେ। ଏଥିରେ ରମେଶ ଚନ୍ଦ୍ର ମହାପାତ୍ର, ଭରତ ବେହେରା, ମୁନା ବେହେରା, ସମେତ ସାହିବାସି ଉପସ୍ଥିତ ଥିଲେ।


ଏନ୍ଏସିର ଇଓଙ୍କ କାର୍ଯ୍ୟାଳୟରେ ହୋହାଲ୍ଲା କରୁଛନ୍ତି ୱାର୍ଡବାସୀ।

■ ଓକିଲଙ୍କ ଘରେ କଳାକନା ବୁଲାଇଲେ

# ନଗଦ ୧୦ ଲକ୍ଷ, ସୁନା ଗହଣା ଚୋରି

**ଜୟପୁର,୧୯।୯(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ଟାଉନ ଥାନା ଅଞ୍ଚଳର ବାସିନ୍ଦା ଥିବା ଜଣେ ଆଇନଜୀବୀଙ୍କ ଘରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ସେମାନେ ନଗଦ ୧୦ ଲକ୍ଷ ଟଙ୍କା ସହ ସୁନା ଗହଣା ଚୋରି କରିନେଇଛନ୍ତି।

ସୂଚନା ଅନୁଯାୟୀ, ଜୟପୁର ଦ୍ୱିତୀୟ ଲାଇନରେ ରୁହନ୍ତି ମନୋଜ କୁମାର ପଟ୍ଟନାୟକ। ପେସାରେ ସେ ଜଣେ ଆଇନଜୀବୀ। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶିଥିଲେ। ସେମାନେ ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ୧୦ ଲକ୍ଷ ଟଙ୍କା, ୩ ଭରି ସୁନା ହାର, ୬ଟି କାନଫୁଲ, ୪ ଭରି ଲେଖାଏଁ ଓଜନର ୫ଟି ସୁନା ମୁଦି, ୩ ଭରିର ସୁନା ଖଣ୍ଡ, ୪ଟି ସୁନା ଚୁଡ଼ି, ୧ଭରି ସୁନା କଏନ, ୨ଭରିର ରୁପା, ୬ ଖଣ୍ଡ ପାଟ ଶାଢ଼ି, ଏଟିଏମ କାର୍ଡ଼ ଚୋରି କରିନେଇଛନ୍ତି। ରାତିରେ ଦୁର୍ବୃତ୍ତମାନେ ଏତେ ସତର୍କତାର ସହ ଚୋରି କରିଥିଲେ ଯେ ମନୋଜଙ୍କ ପରିବାର ଲୋକେ ଏହାର ସାମାନ୍ୟତମ ଶବ୍ଦ ବାରିପାରି ନଥିଲେ। ସକାଳୁ ଉଠି ଦେଖିବା ବେଳକୁ ଆଲମିରା ଖୋଲା ପଡ଼ିଥିଲା। ନଗଦ ଟଙ୍କା ସହ ସୁନା ଗହଣା ଓ ରୁପାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ମନୋଜ କହିଛନ୍ତି। ବୁଧବାର ମନୋଜଙ୍କ ସହ ଓକିଲ ସଂଘର ସଭାପତି ବିରେଶ ପଟ୍ଟନାୟକ, ଆଇନଜୀବୀ ପ୍ରଭାକର ପଟ୍ଟନାୟକ ଟାଉନ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍ଆଇ ଶିବ ଶଙ୍କର ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି।

# ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ବଣ୍ଟନ

**କୁକୁଡ଼ାଖଣ୍ଡି,୧୯।୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ମସିହାଖାଲି ପଞ୍ଚାୟତ ସପ୍ତ ମାତୃକା ମନ୍ଦିର ପ୍ରାଙ୍ଗଣରେ ଉଜ୍ଜ୍ୱଳା ଯୋଜନାରେ ବୁଧବାର ଗ୍ୟାସ ବଣ୍ଟନ କରାଯାଇଛି। ଏଥିସହିତ ଗ୍ୟାସ ବ୍ୟବହାରର ସତର୍କତା ନେଇ ସୂଚନା ଦିଆଯାଇଥିଲା। ବ୍ରହ୍ମପୁର ହିଲପାଟଣାସ୍ଥିତ ବାଦଲ ଗ୍ୟାସ ତରଫରୁ ଟୁକୁନା ପାତ୍ର ଓ ତୋଫାନ ନାୟକ ମସିହାଖାଲିରେ ପହଞ୍ଚି ଏହି କାର୍ଯ୍ୟକ୍ରମ କରିଥିଲେ। ମସିହାଖାଲି ଓ ଯୋଗୀନାଥପଲ୍ଲୀ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଯୋଗ ଦେଇଥିଲେ। ସରପଞ୍ଚ ସଜନି ମହାରଣା, ସରପଞ୍ଚ ପ୍ରତିନିଧି ଶିବ ମହାରଣା, ଆଶାକର୍ମୀ ସୁପ୍ରଭା ସାହୁ, ଅଙ୍ଗନୱାଡି କର୍ମୀ ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ ୱାର୍ଡ ଶୌଚମୁକ୍ତ ଘୋଷଣା

**କବିସୂର୍ଯ୍ୟନଗର,୧୯।୯**

କବିସୂର୍ଯ୍ୟନଗର ଏନ୍ଏସି ସମୁଦାୟ ୧୮ଟି ୱାର୍ଡ ମଧ୍ୟରୁ ୧୬ଟି ୱାର୍ଡକୁ ଶୌଚମୁକ୍ତ ୱାର୍ଡ ରୂପେ ଏନ୍ଏସି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ୧୩ ନଂ. ୱାର୍ଡ ମେରୁବନ୍ଧ ପ୍ରାଥମିକ ବିଦ୍ୟାଳୟ ଓ ୧୭ନଂ. ୱାର୍ଡ ଗୌଡ଼ାସାହି ଦୁଇ ପ୍ରାଥମିକ ବିଦ୍ୟାଳୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ, ସ୍ୱାସ୍ଥ୍ୟ ଅଧିକାରୀ ଶଶାଙ୍କ ଶେଖର ମହାନ୍ତି, ମନୋଜ ମହାନ୍ତି, କାଉନସିଲର ରସଲ ଦାସ, ଭଗବାନ ଜେନା, ପ୍ରଧାନ ଶିକ୍ଷକ ଅରୁଣ ମିଶ୍ର ଓ ନମିତା ପଟ୍ଟନାୟକ, ଜ୍ୟୋତ୍ସ୍ନାରାଣୀ ଜେନା ସାମନ୍ତ, ଅନୀତାରାଣୀ ପାଢ଼ୀ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର, ପରିଚାଳନା କମିଟି, ଅଙ୍ଗନୱାଡ଼ି କର୍ମୀ, ପାଚିକା ଓ ଅଭିଭାବକ ଯୋଗ ଦେଇଥିଲେ।

## ରାଜ୍ୟ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦିଗପହଣ୍ଡି ଗସ୍ତ

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.)**

ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ଅତିରିକ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଚିତ୍ରସେନ ପଶାୟତ ମଙ୍ଗଳବାର ଦିଗପହଣ୍ଡି ଗସ୍ତକରି ବିଭିନ୍ନ ବିଦ୍ୟାଳୟ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ବ୍ଲକ ଅଧୀନ ସିଦ୍ଧେଶ୍ୱର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅନଙ୍ଗପୁର ଗ୍ରାମ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଏବଂ ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ଗ୍ରାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ଗୁଣାତ୍ମକ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଦିଗପହଣ୍ଡି ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦାମ ଦାସ, ବାଳା ମାଝୀ, ବିଶ୍ୱବା ପାଇକ, ଗୋଷ୍ଠୀ ସାଧନ କର୍ମୀ ରାଜେନ୍ଦ୍ର ଗୌଡ଼, ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗବତ ସପ୍ତାହ ଆରମ୍ଭ

**ଶେରଗଡ,୧୯।୯(ଡି.ଏନ୍.ଏ.)**

ଶେରଗଡ ବ୍ଲକ ବିଜୟ ରଘୁନାଥପୁର ଗ୍ରାମରେ ମଙ୍ଗଳବାର ଠାରୁ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନ ଅଙ୍କୁରୋପଣ ପରେ ଭାଗବତ ପୋଥି ନଗର ପରିକ୍ରମା ସହ ପୂଜାପାଠ କରି ଭାଗବତ ଗାଦିରେ ରଖାଯାଇଥିଲା। ବୁଧବାର ଠାରୁ ଭାଗବତ ପାରାୟଣ ଆରମ୍ଭ ହେବ। ବିଜୟ ରଘୁନାଥପୁର ଗ୍ରାମର ଶ୍ରୀମଦ ଭାଗବତ ସଂସ୍କୃତି ସଂସଦ ପକ୍ଷରୁ ଏହା ଆୟୋଜିତ ହେଉଛି। ବୁଧବାର ସଂସଦର କର୍ମକର୍ତ୍ତା ଅରୁଣ ସାମନ୍ତରାୟ, ପଦ୍ମନାଭ ସାମନ୍ତରାୟ, କୈଳାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳିତ ମଞ୍ଚ ପକ୍ଷରୁ ପଦଯାତ୍ରା

**ବୁଗୁଡ଼ା,୧୯।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସେମାନଙ୍କ ନ୍ୟାୟୋଚିତ ଦାବି ହାସଲ ପାଇଁ ବୁଧବାର ୭ଟି ପଞ୍ଚାୟତରେ ପଦଯାତ୍ରା କରାଯାଇଛି। ରାଜ୍ୟ ସ୍କୁଲ କଲେଜ ମିଳିତ ମଞ୍ଚର ଆହ୍ୱାନକ୍ରମେ ବୁଗୁଡ଼ା ବ୍ଲକ ଶାଖା ପକ୍ଷରୁ ପୂର୍ଣ୍ଣ ଅନୁଦାନ ଦାବି ନେଇ ଅନ୍ତରପଡ଼ା, ପାଙ୍ଗିଡ଼ି, ଅରଖପୁର, କଳମ୍ବ, ପୋଚାଲୁଣ୍ଡି, ଏ.କରଡ଼ାବାଡ଼ି ଓ ବାଲିପଦର ପଞ୍ଚାୟତରେ ପଥପ୍ରାନ୍ତ ସଭା କରାଯାଇ ପଦଯାତ୍ରା କରାଯାଇଛି। ଏଥିରେ ୭ ଦଫା ଦାବି ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ସମାଜକର୍ମୀ ବିପିନ ବିହାରୀ ସ୍ୱାଇଁ, ଅମରେନ୍ଦ୍ର ବାରିକ, ଜାନକୀବଲ୍ଲଭ ରାଉତ, ହରିହର ବିଶୋୟୀ, ଖଲି ପରିଡ଼ା ପ୍ରମୁଖ ବୁଦ୍ଧିଜୀବୀ ଉକ୍ତ ଦାବିଗୁଡ଼ିକ ପ୍ରତି ସମର୍ଥନ ସହ ନ୍ୟାୟୋଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଜୟ କୁମାର ମହାରଣା, କାହ୍ନୁ ଚରଣ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଅନୁପ କୁମାର ପଣ୍ଡା, ଏ. ଜିତେଶ ରାଓ ଦୋରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



ମିଳିତ ମଞ୍ଚର ପଦଯାତ୍ରା।

# ମହିଳା ସାମାଜିକ କର୍ମୀଙ୍କ ଜନ ସଚେତନତା


ସାମାଜିକ କର୍ମୀଙ୍କ ସଚେତନତା।

**ବୁଗୁଡ଼ା,୧୯।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ସଙ୍କୁରୁ ପଞ୍ଚାୟତ ଘୋଳପୁର ଗ୍ରାମରେ ବୁଧବାର ମହିଳା ସାମାଜିକ କର୍ମୀ ଆରତୀ ଦେବୀଙ୍କ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଘୋଳପୁର ରଘୁନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଆରତୀ ଦେବୀ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଏଗୁଡ଼ିକ କିପରି ସଫଳ ହୋଇପାରିବ ସେ କହିଥିଲେ। ଏଥିରେ ବିଦ୍ୟାଧର ସାହୁ, ସଞ୍ଜୟ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ସୁରଜ ପ୍ରଧାନଙ୍କ ସମେତ ବହୁ ଯୁବକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବୁଗୁଡ଼ା,୧୯।୯(ଡି.ଏନ.ଏ.)**

ବୁଗୁଡ଼ା ବିଜୁ ଯୁବ ବାହିନୀ ପକ୍ଷରୁ ବୁଧବାର ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପଡ଼ିଆରେ ବିଡିଓ ସଞ୍ଜିବରାଜ ସେନାପତିଙ୍କ ଅଧ୍ୟକ୍ଷତାରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁ ପିପୁଲ୍ସ ହାଇସ୍କୁଲ ନିକଟରେ ମୁଁ ହିରୋ, ମୁଁ ଓଡ଼ିଶା ରଥକୁ ପତାକା ଦେଖାଇ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ରଥ ବୁଗୁଡ଼ା ସହର ପରିକ୍ରମା କରିଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଏନ୍ଏସି ଉପାଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଥାନା ଆଇଆଇସି ରାମଚନ୍ଦ୍ର ବିଶ୍ୱାଳ, ଏବିଇଓ ପୀତାମ୍ବର ବିଷୋୟୀ, ତହସିଲଦାର ସଂଗ୍ରାମ କେଶରୀ ଜେନା, ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, କବିରାଜ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ତଥା ବିଧାୟକ ତାଙ୍କ ଭାଷଣରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଏଥିରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ବିଜୁ ଯୁବ ବାହିନୀର ସଂଯୋଜକ ସନ୍ତୋଷ କୁମାର ସାହୁ, ବ୍ଲକ ସଂଯୋଜକ ସୁକାନ୍ତ କୁମାର ପାତ୍ର ଓ ଏନ୍ଏସି ସଂଯୋଜକ ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଯୋଗ ଦେଇଥିଲେ।


ମୁଁ ହିରୋ ମୁଁ ଓଡ଼ିଶା ରଥ ପରିକ୍ରମା।

## ବିଜୁ କନ୍ୟାରତ୍ନ ଯୋଜନା ସମ୍ପର୍କିତ ସଚେତନତା

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.)**

ରାଜ୍ୟ ମହିଳା ଶିଶୁ କଲ୍ୟାଣ ବିଭାଗ ସହାୟତାରେ ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବୁଧବାର ବିଜୁ କନ୍ୟାରତ୍ନ ଯୋଜନା ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପରିସରରେ ଆମ କନ୍ୟା ଆମ ରତ୍ନ ଶୀର୍ଷକ ଆଲୋଚନା ସଭାରେ କଲେଜ ଅଧ୍ୟକ୍ଷ ମୁରଲୀଧର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆଇନ ପରାମର୍ଶ ଅଧିକାରୀ ସୁଦାମ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧନ କର୍ମୀ ସୁକଣ୍ଠ ପଣ୍ଡା କନ୍ୟା ସନ୍ତାନର ନିରାପତ୍ତା, ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା, ସେମାନଙ୍କ ସମ୍ମାନ ବଜାୟ ରଖିବା ସହ ଲିଙ୍ଗଗତ ତାରତମ୍ୟ ଜନିତ ଲିଙ୍ଗ ନିରୂପଣ ରୋକିବା, ବିକାଶ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅଧ୍ୟାପିକା ପ୍ରଣତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟକ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# କୁକୁଡ଼ାଖଣ୍ଡିରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର


ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

**କୁକୁଡ଼ାଖଣ୍ଡି,୧୯।୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ପଞ୍ଚାୟତରେ ଥିବା ଦିବ୍ୟାଙ୍ଗମାନେ ଏହି ଶିବିରରେ ଯୋଗ ଦେଇଥିଲେ। ଶାରୀରିକ ଦିବ୍ୟାଙ୍ଗ ୩୧, ବାକ୍‌ଶକ୍ତି ଦିବ୍ୟାଙ୍ଗ ୩୨, ଦୃଷ୍ଟିଶକ୍ତି ଦିବ୍ୟାଙ୍ଗ ୨୪, ମାନସିକ ଅନଗ୍ରସର ଏବଂ ବହୁବିଧ ଦିବ୍ୟାଙ୍ଗ ୨୮ ଏବଂ ଟ୍ରାଇ ସାଇକେଲ ବିକଳାଙ୍ଗ ୪ ସମୁଦାୟ ୧୧୯ ଜଣଙ୍କୁ ଚିହ୍ନଟ କରାଯାଇଛି। ୪ଜଣଙ୍କୁ ଟ୍ରାଇ ସାଇକେଲ ଦିଆଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ଦିବ୍ୟାଙ୍ଗ ଉପକରଣ ଦିଆଯିବ ବୋଲି କୁହାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ଏହା ଆୟୋଜନ ହେଉଛି। ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଅଭିଯାନ ଜରିଆରେ ହିତାଧିକାରୀଙ୍କୁ ସହାୟକ ଉପକରଣ ଏବଂ ବିଭିନ୍ନ ଯୋଜନାଭୁକ୍ତ କରିବା ପାଇଁ ଚିହ୍ନଟ ଶିବିର କରାଯାଇଛି। କୁକୁଡ଼ାଖଣ୍ଡି ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ଜିପିଓ ପ୍ରଶାନ୍ତ କୁମାର ରଥ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏଥିନେଇ ଭୁବନେଶ୍ୱରରୁ ଗୁରୁଦତ୍ତ ଲେଙ୍କା, ଏଚ ସିଂ ଏବଂ ଗଞ୍ଜାମ ଜିଲା ଡିଡିଆରସିରୁ ଅଜିତ କୁମାର ରାଉଳ, ମୁରଲୀଧର ବେହେରା ଓ ପ୍ରଶାନ୍ତ କୁମାର ମଲିକ ଶିବିରରେ ପହଞ୍ଚି ତତ୍ତ୍ୱାବଧାନ କରିଥିଲେ।

## ସଂକ୍ଷେପରେ

ରାମଚନ୍ଦ୍ରପଲ୍ଲୀ ଗୋଷ୍ଠୀ ସଂଘର୍ଷ ଘଟଣା

### ଗ୍ରାମ ପୁରୁଷ ଶୂନ୍ୟ, ପୋଲିସର କଡ଼ା ପଇଁତରା

**ଗୋପାଳପୁର,୧୯।୯:** ଗୋଳନ୍ଥରା ଥାନା ଅନ୍ତର୍ଗତ ରାମଚନ୍ଦ୍ରପଲ୍ଲୀ ଗ୍ରାମରେ ଗୋଷ୍ଠୀ ସଂଘର୍ଷରେ ୧୩ ଜଣ ଆହତ ହୋଇଥିବା ବେଳେ ଗ୍ରାମରେ ପୋଲିସ ମୁତୟନ ହୋଇଛି। ବୁଧବାର ପରିସ୍ଥିତି ନିୟନ୍ତ୍ରଣାଧିନ ଥିବା ବେଳେ ଗିରଫ ଭୟରେ ଗ୍ରାମ ପୁରୁଷ ଶୂନ୍ୟ ହୋଇଯାଇଛି। ଗତ ଏକ ବର୍ଷ ହେଲା ଗ୍ରାମରେ ଦୁଇ ରାଜନୈତିକ ଦଳ ମଧରେ ଛକାପଞ୍ଝା ଲାଗି ରହିଛି। ପ୍ରକାଶଥାଉକି, ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ଜଣେ ମହିଳାଙ୍କ ଅନ୍ୟ ରାଜନୈତିକ ଗୋଷ୍ଠିର କେତେକ ବ୍ୟକ୍ତି କମେଣ୍ଟ ମାରିବା ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ଘଟିଥିଲା। ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ଗୋଷ୍ଠୀର ୧୩ ଜଣ ଆହତ ହୋଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ଏତଲା ଦିଆଯିବା ସହ ପୃଥକ୍ ପୃଥକ୍ ଦୁଇଟି ମାମଲା ମଧ ରୁଜୁ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ଡ଼. ଆଲୋକ କୁମାର ଜେନାଙ୍କ ସହ ଯୋଗାଯୋଗ କରିବାରେ ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ପରିସ୍ଥିତି ଶାନ୍ତ ରହିଥିବା ବେଳେ ଘଟଣା ପ୍ରତି ତୀକ୍ଷ୍ଣ ନଜର ରଖାଯାଇଥିବା ନେଇ ସୂଚନା ଦେଇଛନ୍ତି।

■ ଆଗୁଆ ନିର୍ବାଚନ ନେଇ ରାଜନୈତିକ ଉଷ୍ମତା

# ଗଞ୍ଜାମରେ ନିର୍ବାଚନୀ ବିଗୁଲ ବଜାଇଛି କଂଗ୍ରେସ

**ବ୍ରହ୍ମପୁର ଅଫିସ,୧୯।୯**

ଆଗାମୀ ସାଧାରଣ ନିର୍ବାଚନ ଆଗୁଆ ହେବାର ସମ୍ଭାବନା ରହିଛି। ମୁଖ୍ୟ ନିର୍ବାଚନ କମିଶନ ଓ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲା ପ୍ରଶାସନ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ରାଜନୈତିକ ଉଷ୍ମତା ଦେଖା ଦେଇଛି । ଏଭଳି ସ୍ଥିତିରେ ବୃହତ୍ତମ ଜିଲା ଗଞ୍ଜାମରେ ଜାତୀୟ ଦଳ କଂଗ୍ରେସ ଏବେଠୁ ନିର୍ବାଚନୀ ବିଗୁଲ ବଜାଇଛି। ଆଗୁଆ ବିଧାନସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିବାର ପିସିସି ପକ୍ଷରୁ ଇତିମଧ୍ୟରେ ସୂଚନା ଦିଆଯାଇଛି। ଅପରପକ୍ଷେ ଶାସକ ବିଜେଡି ପଞ୍ଚମଥର ପୁଣି ବାଜିମାତ କରିବାର ଗଭୀର ଆଶା ପ୍ରକଟ କରିଛି ଏବଂ ବିରୋଧୀ ଦଳକୁ ହେୟଜ୍ଞାନ କରୁଛି । ଭାଜପା ଏଯାବତ ଚୁପ୍ ରହିଛି ଏବଂ ବିଜେଡି ଓ କଂଗ୍ରେସକୁ ସଭା ସମିତିରେ କେବଳ ଟାର୍ଗେଟ କରୁଛି।

ସୂଚନାଯୋଗ୍ୟ, ଏହି ଜିଲାର ହେଭିୱେଟ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଯୁବନେତା ବିକ୍ରମ ପଣ୍ଡା, ଜିଲା କଂଗ୍ରେସ ସଭାପତି ଓ ତାଙ୍କ ଟିମ୍ ଗତ ଏପ୍ରିଲରେ ଦଳରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିଲେ । ଅନେକ ବ୍ଲକସ୍ତରୀୟ ନେତା, କର୍ମୀ ଓ ସମର୍ଥକ ମଧ ହାତ ଛାଡ଼ି ଶଙ୍ଖମୁହାଁ ହୋଇଥିଲେ । ଯେଉଁମାନେ କଂଗ୍ରେସ ଛାଡ଼ି ନ ଥିଲେ ସେମାନେ ଦଳ ତ୍ୟାଗୀଙ୍କୁ ଚ୍ୟାଲେଞ୍ଜ କରିଥିଲେ। ପିସିସିର ନବ କଳେବର ହେବା ପରେ ଜିଲା କଂଗ୍ରେସରେ ଉତ୍ସାହ ଦେଖାଦେଇଛି । ପଞ୍ଚାୟତସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ଦଳର ସାଙ୍ଗଠନିକ ମଜଭୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ବିଭିନ୍ନ ପ୍ରସଙ୍ଗ ନେଇ ଜିଲା କଂଗ୍ରେସ ବିଜେଡିକୁ ଘେରି ଆନ୍ଦୋଳନ ଚଳାଇଛି। କେବଳ ରାଜ୍ୟ ସରକାରଙ୍କୁ ନୁହେଁ ଭାଜପାକୁ ଟାର୍ଗେଟ କରି କେନ୍ଦ୍ର ଏନ୍‌ଡିଏ ସରକାରଙ୍କ ଦୁର୍ନୀତି ପଦାରେ ପକାଉଛି।

ମୋଦି ସରକାରଙ୍କ ରାଫେଲ ଯୁଦ୍ଧ ବିମାନ କିଣାରେ ହୋଇଥିବା ମହାଦୁର୍ନୀତି ଏବଂ ରାଜ୍ୟ ସରକାରଙ୍କ ସାମଗ୍ରିକ ବିଫଳତା, ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ଗଞ୍ଜାମ ଜିଲାରେ ବିକାଶ ବାଧାପ୍ରାପ୍ତ ହୋଇଥିବା ଦର୍ଶାଇ ଗତ ୧୮ ତାରିଖରେ ବ୍ରହ୍ମପୁରରେ କଂଗ୍ରେସର ରାଲି, ଆରଡିସି ଅଫିସ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା । ପତନ ହୋଇଯାଇଥିବା କଂଗ୍ରେସର ଦୁର୍ଗ ସଜାଡ଼ିବା ଲାଗି ପ୍ରୟାସ ଚାଲିଛି । ଜିଲାର ୨୨ ବ୍ଲକ କଂଗ୍ରେସ ସଭାପତି ପଦ ଉଚ୍ଛେଦ ପରେ ବିକଳ୍ପ ବ୍ୟବସ୍ଥାରେ ୬୯ ଜିଲା ପରିଷଦ ଜୋନ ସଭାପତି ନିଯୁକ୍ତି କରାଯାଇଛି । ସେମାନଙ୍କୁ ସାଙ୍ଗଠନିକ ବିସ୍ତାର ନିମନ୍ତେ ତାଲିମ ପ୍ରଦାନ ପାଇଁ ଆସନ୍ତା ୩୦ରେ ଗୋପାଳପୁରରେ ଶିକ୍ଷା ଶିବିର (ଟ୍ରେନିଂ କ୍ୟାମ୍ପ) କରାଯିବାର ବ୍ୟବସ୍ଥା ହୋଇଛି ।

> ■ ଆରମ୍ଭ ହୋଇଛି ପ୍ରାର୍ଥୀ ଚୟନ ପ୍ରକ୍ରିୟା
> ■ ପୁଣି ବାଜିମାତ ଆଶା କରୁଛି ବିଜେଡି
> ■ ଭାଜପାର ଆରମ୍ଭ ହୋଇନି ନିର୍ବାଚନ ପ୍ରସ୍ତୁତି

ଅପରପକ୍ଷରେ କଂଗ୍ରେସର ବିଧାନସଭା ପ୍ରାର୍ଥୀ ଚୟନରେ ସମସ୍ୟା ଦେଖାଦେଇଛି। ୨୦୧୪ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ସମୂହ ଭାବେ ପରାଜିତ ହୋଇଥିଲେ। ଚିକିଟି ଆସନର ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା,ଭଞ୍ଜନଗରରେ ଲଢ଼ିଥିବା ବିନାୟକ ତ୍ରିପାଠୀ, କବିସୂର୍ଯ୍ୟନଗର ପ୍ରାର୍ଥୀ ସୀତାରାମ ପାଣିଗ୍ରାହୀ, ପୋଲସରା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଗୋକୁଳାନନ୍ଦ ମଲିକ ଇତିମଧ୍ୟରେ ଭାଜପାରେ ଯୋଗ ଦେଇଛନ୍ତି । ଛତ୍ରପୁର କଂଗ୍ରେସ ପ୍ରାର୍ଥୀ ବନମାଳୀ ସେଠୀ, ଗୋପାଳପୁର ପ୍ରାର୍ଥୀ ଭଗବାନ ଗନ୍ତାୟତ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି । ତେଣୁ ବିଜେଡିକୁ ଗତ ନିର୍ବାଚନରେ ଟକ୍କର ଦେଇଥିବା ପ୍ରାର୍ଥୀମାନେ ଦଳ ଛାଡ଼ିଥିବାରୁ ନୂଆ ପ୍ରାର୍ଥୀ ଚୟନ କଂଗ୍ରେସକୁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା କରାଯାଇଛି । ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା କହିଛନ୍ତି, ଭାଜପା ଲୋକଙ୍କ ବିଶ୍ୱାସ ହରାଇଛି ଏବଂ ବିଜେଡିରେ ନୂଆ ନେତାଙ୍କୁ ନେଇ ପୁରୁଣା ନେତା ଓ କର୍ମୀ ବିମୁଖ ହୋଇଯାଇଛନ୍ତି। ଶଙ୍ଖ ଦଳରେ ଏହାକୁ ନେଇ ଅନ୍ତଃକନ୍ଦଳ ସୃଷ୍ଟି ହୋଇଥିବାରୁ ଏହା କଂଗ୍ରେସକୁ ସୁହାଇବ ଓ ନୂଆ ପ୍ରାର୍ଥୀ ଚୟନ କରାଯିବ ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



→ @ ରଶନ



→ @ ସାନ୍ତନୁ



→ @ ସୁବାସ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

**ଆସିକା,୧୯।୯(ଡି.ଏନ୍.ଏ.):** ଆସିକା ବ୍ଲକ ସଭା ଗୃହରେ ବୁଧବାର ମଧ୍ୟାହ୍ନରେ ଭଞ୍ଜନଗର ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାସ ଯୋଗଦେଇ ଉପଖଣ୍ଡ ଅଧିନରେ ଥିବା ବିଭିନ୍ନ ତହସିଲ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ବୈଠକରେ କମ୍ପ୍ୟୁଟର ମାଧମରେ ମ୍ୟୁଟେସନ୍, ଜମିଜମାର ପଟ୍ଟା ସଂଶୋଧନ, ବିଭିନ୍ନ ପ୍ରକାର ପ୍ରମାଣ ପତ୍ର ପ୍ରଦାନ କାର୍ଯ୍ୟ ତଦାରଖ କରି ସରକାରୀ ସମୟସୀମା ମଧରେ ଏହି କାର୍ଯ୍ୟ ଯେଭଳି ହୋଇପାରିବ ସେ ଦିଗରେ ତତ୍ପର ହେବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜମିର ଚିହ୍ନଟ ସାଙ୍ଗକୁ ଏହାର ସୁରକ୍ଷା କରାଯିବାକୁ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ସରକାରୀ ଜମିର ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ ସହ ବଜରଦଖଲ ହଟାଇବା ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଏହାଛଡା ବିଭିନ୍ନ ଶୈରତ (ବାଲି ପଥର) ଗୁତାଦାରମାନଙ୍କୁ ମାସିକ ରିପୋର୍ଟ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ଉପଜିଲାପାଳଙ୍କ ଅଧିନରେ ଏକ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ ସହ ଏହି ବାଲିପଥର ଚୋରା ଚାଲାଣ ରୋକିବା ଦିଗରେ ଆଲୋଚନା କରାଯାଇଥିଲା। ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଏବଂ ଆସିକା, ଭଞ୍ଜନଗର, ବୁଗୁଡା, ଜଗନ୍ନାଥପ୍ରସାଦ, ଶେରଗଡ, ଧରାକୋଟ, ସୋରଡା ଓ ବୋଲଗୁଣ୍ଡା ତହସିଲଦାର୍ ଏହି ସମୀକ୍ଷା ବୈଠକରେ ସାମିଲ୍ ଥିଲେ।

# ୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିଇସିସିର ବିରୋଧ




ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ବ୍ରହ୍ମପୁର ଅଫିସ,୧୯।୯**

ମୋଦି ସରକାର ଦେଶର ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କକୁ ମିଶ୍ରଣ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବ୍ୟାଙ୍କ କର୍ମଚାରୀ ସମନ୍ୱୟ କମିଟି (ବିଇସିସି) ବ୍ରହ୍ମପୁର ଶାଖା ବିରୋଧ କରିଛି । କେନ୍ଦ୍ର ନିଷ୍ପତ୍ତିର ପ୍ରତିବାଦରେ ବୁଧବାର ବିଇସିସି ପକ୍ଷରୁ ସ୍ଥାନୀୟ ବ୍ୟାଙ୍କ ଅଫ ବରୋଦା ଆଗରେ ବିକ୍ଷୋଭ ସହ ଗଣଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାର ମିଶ୍ରଣ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ବ୍ୟାଙ୍କ ଋଣ ଅନାଦାୟରେ ବିଫଳ ହୋଇଥିବା କେନ୍ଦ୍ର ସରକାର ବ୍ୟାଙ୍କ ଶିଳ୍ପକୁ ଘରୋଇକରଣ ପ୍ରକ୍ରିୟା ଆରମ୍ଭ କରିଥିବା ଆନ୍ଦୋଳନସ୍ଥଳରେ ଅଭିଯୋଗ କରାଯାଇଥିଲା । ବିଇସିସି ନେତା ଅଶୋକ ଦାସ, ପ୍ରତାପ ଚୌଧୁରୀ, ଜି.କେ. ମହାନ୍ତି, ଏସ୍‌କେ ପାଣିଗ୍ରାହୀ ଏହାର ନେତୃତ୍ୱ ନେଇଥିଲେ। ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ ।

### ଆଙ୍କୁଶପୁର ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

**କୁକୁଡ଼ାଖଣ୍ଡି,୧୯।୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ଆଙ୍କୁଶପୁର ଗ୍ରାମ ଯୁବକ ସଂଘ ପକ୍ଷରୁ ବୁଧବାର ନିକଟସ୍ଥ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ନଂ. ଜିଲା ପରିଷଦ ସଭ୍ୟ ଏଲ. ମୋହନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତ ଭଣ୍ଡାର ରେଡକ୍ରସ ୟୁନିଟର ୫ ଜଣ କର୍ମଚାରୀ ଶିବିର ପରିଚାଳନା କରିଥିଲେ। ମୋଟ ୪୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ରକ୍ତ ଭଣ୍ଡାରର ଟୁନା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦିଗପହଣ୍ଡି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତ କଳିଙ୍ଗଦଳା ଗ୍ରାମର ୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଓ ସଦସ୍ୟାବୃନ୍ଦ ମଙ୍ଗଳବାର ସ୍ଥାନୀୟ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସିଡିପିଓ ଯଶୋବନ୍ତୀ ସାହୁଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ନେଇ ଅବଗତ କରାଇଛନ୍ତି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ପରିଷଦ ସଦସ୍ୟ ଇଂ. ଉତ୍ତମ କୁମାର ପାଣିଗ୍ରାହୀ, ମହିଳା ମୋର୍ଚ୍ଚା ଗଞ୍ଜାମ ଜିଲା ସଭାନେତ୍ରୀ ବନଜା ପଣ୍ଡା, ସନ୍ତୋଷ କୁମାର ସାହୁ, ରାମକୃଷ୍ଣ ପ୍ରଧାନ, ଗଜେନ୍ଦ୍ର ଚୌଧୁରୀ, ସୀମାଞ୍ଚଳ ଦୋରାଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ଉପସ୍ଥିତ ଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରାଯିବା ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଦଳୀୟ ବାଛବିଚାର ଯୋଗୁ କଳିଙ୍ଗ ଦଳା ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏଯାବତ ତାଲିମ ଦିଆଯାଇନଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ଗୋଷ୍ଠୀଗତ ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଉନାହିଁ। ସରପଞ୍ଚଙ୍କ ବିନା ପରାମର୍ଶରେ ସେମାନଙ୍କୁ କୌଣସି ପ୍ରକାର ସରକାରୀ ସହାୟତା ଗୋଷ୍ଠୀଗତ ଋଣ ପ୍ରଦାନ କରାଯିବ ନାହିଁ ବୋଲି ଦାୟିତ୍ୱରେ ଥିବା ଅଙ୍ଗନୱାଡ଼ି ସୁପରଭାଇଜର ଇନ୍ଦିରା ମହାପାତ୍ର କହୁଛନ୍ତି। ଏନେଇ ଅଙ୍ଗନୱାଡ଼ି ସୁପରଭାଇଜରଙ୍କୁ ପଚାରିବାରେ ତାଙ୍କ ବିରୋଧରେ ଅଭିଯୋଗ ନିରାଧାର ଓ ଅମୂଳକ ବୋଲି କହିଛନ୍ତି। ଅପରପକ୍ଷରେ ସିଡିପିଓଙ୍କୁ ପଚାରିବାରେ ନୀତି ନିୟମ ମୁତାବକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯିବା, ସରକାରଙ୍କ ନିର୍ଦ୍ଧାରିତ କାର୍ଯ୍ୟଖସଡ଼ା ଅନୁଯାୟୀ ସେମାନଙ୍କୁ ଗୋଷ୍ଠୀଗତ ଋଣ ପ୍ରଦାନ ପାଇଁ ବ୍ୟାଙ୍କମାନଙ୍କୁ ସୁପାରିଶ କରାଯିବ, ସେମାନଙ୍କ ଦ୍ୱାରା ଗଠିତ ସ୍ୱୟଂ ସହାୟିକା ଗୋଷ୍ଠୀ ପଞ୍ଜିକୃତ ହୋଇ ସାରିଥିବା ଉଲ୍ଲେଖ କରିଛନ୍ତି।



ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଗଞ୍ଜାମ କଲେଜ: ଛାତ୍ର ସଂସଦ ନିର୍ବାଚନ ବିଗୁଲ ବାଜିଲା

**ଗଞ୍ଜାମ,୧୯।୯(ଡି.ଏନ.ଏ.)-** ଆଗକୁ ଛାତ୍ର ସଂସଦ ନିର୍ବାଚନ ଥିବା ହେତୁ କଲେଜ ଚଳଚଞ୍ଚଳ ହୋଇଉଠିଛି। ନିର୍ବାଚନ ତାରିଖ ବିଧିବଦ୍ଧ ଭାବେ ଘୋଷଣା ହୋଇନଥିଲେ ମଧ ଅକ୍ଟୋବର ମାସରେ ନିର୍ବାଚନ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ଛାତ୍ର ବିଜେଡି ପକ୍ଷରୁ ଆଗୁଆ ପ୍ରାର୍ଥୀ ଘୋଷଣା ହୋଇଛି। ବୁଧବାର ଗଞ୍ଜାମ କଲେଜସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଦାମ ଚରଣ ପଲାଇଙ୍କ ତତ୍ତ୍ୱାବଧାନରେ ଛାତ୍ର ସଙ୍ଗଠନର ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସ୍ଥାନୀୟ ବିଧାୟକ ଡ଼ା. ପ୍ରିୟାଂଶୁ ପ୍ରଧାନ, ପୂର୍ବତନ ବ୍ଲକ ଉପାଧକ୍ଷ ଆର. ଭାଗ୍ୟ ରେଡ୍ଡୀ, ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର ପ୍ରମୁଖ ଛାତ୍ର ସଂସଦ ସଭାପତି ଓ ସମ୍ପାଦକ ପଦବୀ ନିମନ୍ତେ ବାପୁନ କୁମାର ରାଉଳ (ଯୁକ୍ତ ୩ ଶେଷ ବର୍ଷ ଛାତ୍ର) ଓ ଜିତୁ ମହାଙ୍କୁଡ଼ଙ୍କୁ ଚୟନ କରିଥିଲେ। ସଭାରେ ପୂର୍ବତନ ଛାତ୍ର ସଂସଦ ସଭାପତି ରତ୍ନାକର ଦଳାଇ, ସୁକାନ୍ତ କୁମାର ବିଶ୍ୱାଳ, ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

■ ଜିଲା ସ୍କୁଲ ସମୂହ ଖୋଖୋ, କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

# ଗଞ୍ଜାମ ବାଳିକା, ବାଳକ ଦଳ ଘୋଷିତ

**ବ୍ରହ୍ମପୁର ଅଫିସ୍,୧୯।୯**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ଗଞ୍ଜାମ ଜିଲା ସ୍କୁଲ ସମୂହ ଖୋଖୋ ଏବଂ କବାଡ଼ି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମସ୍ତ ୨୨ବ୍ଲକ ଖେଳାଳିମାନେ ଭାଗ ନେଇଥିଲେ। ପ୍ରତିଯୋଗିତାଗୁଡ଼ିକର ଫଳାଫଳ ଏବଂ ପ୍ରଦର୍ଶନକୁ ଆଧାର କରି ଗଞ୍ଜାମ ଜିଲା ବାଳିକା ଏବଂ ବାଳକ ଦଳ ଘୋଷଣା କରାଯାଇଛି।

କବାଡ଼ି ୧୪ବର୍ଷରୁ କମ୍ ଦଳରେ ବି. ସାବିତ୍ରୀ, ବି.ସରଶୀ, ଶିଳ୍ପା ବେହେରା, ସୋନାଲି ପଣ୍ଡା, ଟୁଟି ରାଉତ, ପ୍ରିୟଙ୍କା ଦାସ, ମନୀଷା ପ୍ରଧାନ, ଏ.ପୂଜା, ଝିନ ଗୌଡ଼, ନୟନ୍ତୀ ଗମାଙ୍ଗ, ବି.ମନିତା ରେଡ୍ଡୀ ଏବଂ ଲକ୍ଷ୍ମୀପ୍ରିୟା ମହାରଣା ରହିଛନ୍ତି । ଖୋଖୋ ୧୭ବର୍ଷରୁ କମ୍ ବାଳିକା ଦଳରେ ଚିନ୍ମୟୀ ସାହୁ, ପ୍ରିୟଙ୍କା ସାହୁ, ଜାଗରୀ ପ୍ରଧାନ, ଜି.ଝାନ୍ସି, ଶ୍ରୀୟାଲି ମିଶ୍ର, ଭାଗ୍ୟଲକ୍ଷ୍ମୀ ଦାସ, ଏନ୍.ମାମାଲି ରେଡ୍ଡୀ, ଶୁଭଶ୍ରୀ ବିଶ୍ୱାଳ, ନିତାଲି ବିଷୋୟୀ, ଟୁକୁନି ରାଗସ, ବର୍ଷା ନାୟକ ଏବଂ ସୁଚିତ୍ରା ନାୟକ ସ୍ଥାନ ପାଇଛନ୍ତି । ଖୋଖୋ ୧୪ବର୍ଷରୁ କମ୍ ବାଳିକା ଦଳରେ କେ.ମୌନିକା, ଟି.ପୂଜା, ଡି.ଶାନ୍ତି, ବର୍ଷା ପ୍ରଧାନ, ଆଲିସା ପ୍ରଧାନ, ଲକି ପ୍ରଧାନ, ଡି.ରେବତୀ, ଲିଜା ଗୌଡ଼, ବି.ତୁଳସୀ ରେଡ୍ଡୀ, ପୂଜାରାଣୀ ପାଢୀ, ପ୍ରିୟଦର୍ଶନୀ ପାତ୍ର ଏବଂ ଆର୍. ଭାଗ୍ୟଶ୍ରୀ ପ୍ରମୁଖ ସ୍ଥାନ ପାଇଛନ୍ତି । ଖୋଖୋ ୧୭ବର୍ଷରୁ କମ୍ ବାଳକ ଦଳରେ ଦୀପକ କୁମାର ସେଠୀ, ଆକାଶ ନାୟକ, ରାଜେନ୍ଦ୍ର ସେଠୀ, ଜି.ଶଙ୍କର, ନିଳାଞ୍ଚଳ କୁମାର ସେଠୀ, ବୁଲୁ ପ୍ରଧାନ, ରାଜୀବ ଶିବସୁନ୍ଦର, ପବିତ୍ର ନାହାକ, ଏ.ଗୌରୀ ଶଙ୍କର, ଶିବାନନ୍ଦ ସାହୁ, ଦୀପୁ ଘଡ଼େଇ ଏବଂ ଶୁଭମ୍ ଗୌଡ଼ ପ୍ରମୁଖ ରହିଛନ୍ତି। କବାଡ଼ି ୧୭ବର୍ଷରୁ କମ୍ ବାଳିକା ଦଳରେ ଏନ୍.ଭାନୁବତୀ, ଯଶୋଦା ବିରୋ, ବି.ସିମନ୍ତୀ, ସୁଭଦ୍ରା ଗମାଙ୍ଗ, ଆୟେଶା ପରବିନ୍, ସ୍ୱାଗତିକା ସାହୁ, ସୌଦାମିନୀ ନାୟକ, ସନ୍ତୋଷିନି ରେଡ୍ଡୀ, ଜ୍ୟୋତି ପ୍ରଧାନ,ଦୀପ୍ତି ପଣ୍ଡା, ଉର୍ମିଳା ସ୍ୱାଇଁ ଏବଂ ବି.ବର୍ଷାରାଣୀ ଦୋରା ପ୍ରମୁଖ ସ୍ଥାନ ପାଇଛନ୍ତି । କବାଡ଼ି ୧୭ବର୍ଷରୁ କମ୍ ବାଳକ ଦଳରେ ଇ.ସୋମେଶ, ରାଜା ସେଠୀ, ରାକେଶ ଦାସ, ଅଶୋକ କୁମାର ସାହୁ, ରାଜେଶ ସାହୁ, ସାଗର ଖୁଣ୍ଟିଆ, ପ୍ରସାଦ କୁମାର ନାୟକ, ନୂତନ ନାୟକ, ଶିଶିର ପାଇକ, ଆଦିତ୍ୟ ପାଢୀ, ରବୀନ୍ଦ୍ର କୁମାର ନାୟକ ଏବଂ ଶଙ୍କର ଶବର ପ୍ରମୁଖ ସ୍ଥାନ ପାଇଛନ୍ତି ।



ମନୋନୀତ ହୋଇଥିବା ଖେଳାଳିମାନେ।

ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଥିଲା। ବୁଧବାର ସମସ୍ତ ବର୍ଗର ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ପ୍ରଦର୍ଶନକୁ ଦେଖି ଜିଲା ଦଳ ଚୟନ କରାଯାଇଛି । ଚୟନ ହୋଇଥିବା ଖେଳାଳିମାନେ ଗଂଜାମ ଜିଲା ତରଫରୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । ରାଜ୍ୟ ସ୍କୁଲ ସମୂହ ଖୋଖୋ ପ୍ରତିଯୋଗିତା ଆସନ୍ତା ୨୬ରୁ ୨୯ତାରିଖ ପର୍ଯ୍ୟନ୍ତ ଟିଟିଲାଗଡ଼ରେ ଏବଂ କବାଡ଼ି ପ୍ରତିଯୋଗିତା ୨୧ରୁ ୨୩ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଅନୁଷ୍ଠିତ ହେବ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ, ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଦୀନବନ୍ଧୁ ପାତ୍ର, କ୍ରୀଡ଼ା ସଂସଦ ଉପସଭାପତି ପ୍ରଫୁଲ୍ଲ ଜଗନ୍ନାଥ ପାଢୀ ପ୍ରମୁଖ ଯୋଗଦେଇଥିଲେ । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୮ | Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮ | Berhampur,Thursday, September, 20/ 2018




# ବଜ୍ରପାତରେ ମହିଳା ମୃତ, ଦୁଇ ଆହତ

**ଜଗନ୍ନାଥପ୍ରସାଦ,୧୯।୯(ଡି.ଏନ.ଏ)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ମା' କରଞ୍ଜେଇ ନିକଟ ବସ୍ତିରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ତାଙ୍କ ସାଙ୍ଗରେ ଥିବା ୨ ଜଣ ମହିଳା ମଧ ଆହତ ହୋଇଛନ୍ତି । ମୃତ ମହିଳା ଜଣକ ହେଲେ ନୟନୀ ପ୍ରଧାନ । ନୟନୀ, ମିନତି କୁମାରୀ ଡ଼ାକୁଆ ଓ ଜୟନ୍ତୀ ପ୍ରଧାନ ବୋଡ଼ା ନଦୀକୁ ଗାଧୋଇବାକୁ ଯିବା ବାଟରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ନୟନୀ ଟଳି ପଡ଼ିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡ଼ା. ଅଶୋକ କୁମାର ସାବତ ନୟନୀଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

# ପୋଡିହୋଇ ମହିଳାଙ୍କ ମୃତ୍ୟୁ: ସ୍ୱାମୀ ଗିରଫ

**ଆସିକା,୧୯।୯(ଡି.ଏନ୍.ଏ.):** ଗୁରୁତର ଭାବେ ପୋଡି ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ଆସିକା ଏନ୍ଏସି କୁମ୍ଭାରସାହିର ଶାନ୍ତିଲତା ମହାନ୍ତିଙ୍କର ଗତ ୧୬ ତାରିଖରେ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ପୋଲିସ ବୁଧବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଆସିକା ଏନ୍ଏସି ଲଛମନପଲ୍ଲୀର ସନ୍ତୋଷ କୁମାର ମହାନ୍ତି। ବୁଧବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ପ୍ରକାଶଯେ, ଗତ ୧୦ ତାରିଖ ରାତିରେ ଶାନ୍ତିଲତା ପୋଡିହୋଇ ଗୁରୁତର ଅବସ୍ଥାରେ ଚିକିତ୍ସା ଲାଗି ଆସିକା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ଶାନ୍ତିଲତାଙ୍କ ଭାଇ ଗତ ସୋମବାର ଆସିକା ପୋଲିସରେ ଶାନ୍ତିଲତାଙ୍କ ମୃତ୍ୟୁକୁ ନେଇ ତାଙ୍କ ସ୍ୱାମୀ, ଦିଅର ଓ ନଣନ୍ଦଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୪/୧୮ରେ ଏକ ମାମଲା ରୁଜୁ କରି ସ୍ୱାମୀ ଓ ଦିଅରଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଅଭିଯୁକ୍ତ ଫେରାର

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଇଲାକାରେ ଜଣେ ମହିଳାଙ୍କୁ ଆକ୍ରମଣ ଓ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ମହିଳାଙ୍କ ଏତଲାକ୍ରମେ ତାଙ୍କ ପଡ଼ୋଶୀଙ୍କ ବିରୋଧରେ ନଂ. ୧୬୩/୧୮ ରେ ମାମଲା ରୁଜୁ କରାଯାଇଛି। ଗିରଫ ଭୟରେ ଅଭିଯୁକ୍ତ ଫେରାରଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଅସଦାଚରଣ କରିବା ସହ ଘରେ ପଶି ଆକ୍ରମଣ କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ଜଣାଇଛନ୍ତି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ